## ଦୁର୍ଘଟଣାରେ ଜଣେ ମୃତ

କଣିହାଁ,(ଡି.ଏନ.ଏ.): ଅନୁଗୋଳ ଜିଲା କଣିହାଁ ବ୍ଲକ ଦେଇ ଯାଇଥିବା ୫୩ନଂ. ଜାତୀୟ ରାଜପଥର ଏନ୍‌ଟିପିସି ଏମ୍‌ଜିଆର୍ ନିକଟରେ ମଙ୍ଗଳବାର ରାତିରେ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଛି। ତାଙ୍କ ପରିଚୟ ମିଳିପାରି ନାହିଁ। କୌଣସି ମାଲବାହୀ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିବା ସନ୍ଦେହ କରାଯାଉଛି। ଖବରପାଇ ଏନ୍‌ଟିପିସି ଟାଉନ୍ ଥାନା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।



## ସଂକ୍ଷେପରେ

### ଲଘୁ ଖଣିଜ ଚୋରାଚାଲାଣ ୧୧.୯୪ ଲକ୍ଷ ଜରିମାନା ଆଦାୟ

ଢେଙ୍କାନାଳ ଅଫିସ, ୧୩।୧୦: ଢେଙ୍କାନାଳ ସଦର ଏବଂ ଗଁଦିଆ ତହସିଲ ଅଞ୍ଚଳର ଲଘୁ ଖଣିଜ ଉତ୍ସରୁ ଚୋରାଚାଲାଣ ରୋକିବାକୁ କଠୋର ହୋଇଛି ପ୍ରଶାସନ। ମାସେ ହେଲା ଜାରି ରହିଥିବା ଘନ ଘନ ଚଢ଼ାଉରେ ମାଫିଆଙ୍କ ନିଦ ହଜିଯାଇଥିବାବେଳେ ୧୧ଲକ୍ଷ ୯୪ହଜାର ୩୦୦ଟଙ୍କା ରାଜସ୍ୱ ଆଦାୟ କରାଗଲାଣି। ମଙ୍ଗଳବାର ସଦର ତହସିଲର ଗେଙ୍ଗୁଟିଆ ଅଞ୍ଚଳରୁ ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ ସହ ୧୨,୩୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଅନ୍ୟ ଏକ ବାଲିବୋଝେଇ ଟ୍ରକ୍‌ଠାରୁ ୧୫ହଜାର, ମାଣିପୁର ଅଞ୍ଚଳରୁ ପଥର ଚୋରା ଚାଲାଣ କରୁଥିବା ୩ ଟ୍ରାକ୍ଟରରୁ ୨୫ହଜାର ଟଙ୍କା ଲେଖାଏ, ଭାପୁର ଅଞ୍ଚଳରୁ ଜବତ ପଥର ବୋଝେଇ ଟ୍ରାକ୍ଟରରୁ ୩୮ ହଜାର ଟଙ୍କା ଆଦାୟ କରାଯାଇଛି। ଗଁଦିଆ ତହସିଲ କାଶୀପୁର ଅଞ୍ଚଳରୁ ଏକ ଟ୍ରାକ୍ଟର ଏବଂ ମିନିଟ୍ରକ୍‌ରୁ ୬୦ହଜାର ଟଙ୍କା ରାଜସ୍ୱ ଆଦାୟ ହୋଇଛି। ସଦର ତହସିଲଦାର ଲକ୍ଷ୍ମୀଧର ରାଉତ, ମାଣିପୁର ଆରଆଇ ପୁଷ୍ପିତା ମଧୁମତି, ଗଁଦିଆ ତହସିଲଦାର ଆଶିଷ ରଞ୍ଜନ ସାହୁ ପ୍ରମୁଖ ପୋଲିସ ସହାୟତାରେ ଚଢ଼ାଉ ଜାରି ରଖିଛନ୍ତି।

### ୨୭ ସଂକ୍ରମିତ, ୬୯ ଆରୋଗ୍ୟ

ଢେଙ୍କାନାଳ ଅଫିସ,୧୩।୧୦: ଢେଙ୍କାନାଳ ଜିଲାରୁ ମଙ୍ଗଳବାର ୨୭ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି ଚିକିତ୍ସା ପରେ ୬୯ଜଣ ଆରୋଗ୍ୟ ଲାଭ କରିଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ଓଡ଼ାପଡ଼ା ବ୍ଲକର ୧୦, ସଦର ବ୍ଲକର ୫, ପରଜଙ୍ଗ ବ୍ଲକର ୪, ଢେଙ୍କାନାଳ ପୌରାଞ୍ଚଳର ୪, ଗଁଦିଆ ବ୍ଲକର ୨ ଏବଂ କାମାକ୍ଷାନଗର ଏନ୍‌ଏସିର ୨ ଜଣ ଅଛନ୍ତି। ଆକ୍ରାନ୍ତଙ୍କୁ କୋଭିଡ୍ ହସ୍ପିଟାଲ ସମେତ କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଛି। ଜିଲାର ମୋଟ୍ ୪୪୩୬ ଆକ୍ରାନ୍ତଙ୍କ ମଧ୍ୟରୁ ୩୯୮୦ ସୁସ୍ଥ ହୋଇ ସାରିଲେଣି।

### ଦିନକରେ ୨୨୪ ପଜିଟିଭ୍

ଅନୁଗୋଳ ଅଫିସ, ୧୩।୧୦: ଅନୁଗୋଳ ଜିଲାରେ ମଙ୍ଗଳବାର ୨୨୪ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୬,୬୩୬ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ତାଳଚେର ବ୍ଲକରୁ ସର୍ବାଧିକ ୩୫ ଜଣ, ବଣଁରପାଳ ବ୍ଲକରୁ ୩୩, ଛେଣ୍ଡିପଦା ବ୍ଲକରୁ ୨୯, କଣିହାଁ ବ୍ଲକରୁ ୨୮, ତାଳଚେର ପୌରାଞ୍ଚଳରୁ ୨୪, ଅନୁଗୋଳ ବ୍ଲକରୁ ୨୩, ଅନୁଗୋଳ ପୌରାଞ୍ଚଳରୁ ୧୮, ପାଲଲହଡ଼ା ବ୍ଲକରୁ ୧୬, କିଶୋରନଗର ବ୍ଲକରୁ ୮, ଆଠମଲ୍ଲିକ ବ୍ଲକରୁ ୭ ଓ ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦରୁ ୩ ଜଣ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୧୧୭ ଜଣ ସୁସ୍ଥ ହୋଇଛନ୍ତି।

### ନାଲ୍‌କୋ କର୍ମଚାରୀ ସଂଘ ପ୍ରତିଷ୍ଠା ଦିବସ

ଆଠମଲ୍ଲିକ,୧୩।୧୦(ଡି.ଏନ.ଏ.): ନାଲ୍‌କୋ କର୍ମଚାରୀ ସଂଘର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସଭାପତି ବିପ୍ଳବ ଜେନା ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକାରୀ ସଭାପତି ହରଶଙ୍କର ପଣ୍ଡା ଓ ସାଧାରଣ ସମ୍ପାଦକ ଶ୍ରୀକାନ୍ତ ପ୍ରଧାନ ପରିଚାଳନା କରିଥିଲେ। ଏଥିରେ ଶ୍ରମିକଙ୍କ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଅଜିତ ସାହୁ, ତ୍ରୈଲୋକ୍ୟ ନାୟକ, ପ୍ରଦୀପ ପ୍ରଧାନ, ସୂର୍ଯ୍ୟକାନ୍ତ ସାହୁ, ବାବି ତ୍ରିପାଠୀ, ସୁଧାଂଶୁ ବଘାର, ପୃଥୀରାଜ ଜେନା, ଏସ.ଏସ. ଟୋପୋ, ପପୁ ହାଁସଦା, କୁନୁ ହେମରମ, ଦିଲୀପ ବେହେରା ଓ ସନ୍ତୋଷ କୁମାର ନାୟକ ପ୍ରମୁଖ ଶ୍ରମିକ ନେତା ଉପସ୍ଥିତ ଥିଲେ।

### 'ନୈରାଶ୍ୟଠୁ ଦୂରରେ ରୁହ'

ଢେଙ୍କାନାଳ ଅଫିସ,୧୩।୧୦:ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ନାଟ୍ୟ ସଂସଦ ପକ୍ଷରୁ ଭର୍ଚୁଆଲ ସାଂସ୍କୃତିକ କାର୍ଯ୍ୟକ୍ରମ ଅଧକ୍ଷା ପ୍ରଫେସର ରଶ୍ମି ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଚଳଚ୍ଚିତ୍ର ନିଗମ ଅଧକ୍ଷ କୁନା ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, କରୋନା ସମୟରେ ଛାତ୍ରୀଛାତ୍ର ନୈରାଶ୍ୟ ଭିତରେ ହଜି ନ ଯାଇ ପ୍ରତିଭାର ବିକାଶ ଜାରି ରଖିବା ଉଚିତ। ସମ୍ମାନିତ ଅତିଥି ଭାବେ ଚିକିତ୍ସକ ଡା. ଶୁଭେନ୍ଦୁ ମିଶ୍ର, ଡା. ପବିତ୍ର ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ରହି ଚାକଚକ୍ୟପୂର୍ଣ୍ଣ ଜୀବନ ପଛରେ ନ ଧାଇଁ ସତ୍ୟର ସନ୍ଧାନ କରିବାକୁ ପରାମର୍ଶ ଦେଇଥିଲେ। କଣ୍ଠଶିଳ୍ପୀ ଇକବାଲ ଚାନ୍ଦ, ଦେବକୃପା ମିଶ୍ର, ଗୌରବ କୁମାର ରାୟଚୌଧୁରୀ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ନାଟ୍ୟ ସଂସଦ ଉପଦେଷ୍ଟା ଡ. ଅନିରୁଦ୍ଧ କୁମାର ଖିଲାର ସଂଯୋଜନା କରିଥିଲେ। ଅନ୍ୱେଷ ଖିଲାର ସହାୟତା କରିଥିଲେ।

# ବିକାଶ ପାଇଁ ବ୍ଲୁ ପ୍ରିଣ୍ଟ

ଅନୁଗୋଳ ଅଫିସ, ୧୩।୧୦

- ବଦଳିବ ଅନୁଗୋଳ ସହର ରୂପରେଖ
- ବିଭିନ୍ନ ସ୍ଥାନରେ ୱାଟର ଏଟିଏମ୍
- କୋଟିଏ ଟଙ୍କାରେ ନିର୍ମାଣ ହେବ ସ୍ମାର୍ଟ ପାର୍କ
- ଏଲ୍‌ଇଡି ଜରିଆରେ ସରକାରୀ ଯୋଜନାର ପ୍ରଚାର

ଅନୁଗୋଳ ସହରର ବିକାଶ ହେବ। ପାନୀୟ ଜଳ ସମସ୍ୟାର ସମାଧାନ ସହ ସ୍ଥାନେ ସ୍ଥାନେ ୱାଟର ଏଟିଏମ୍ ସ୍ଥାପନ କରାଯିବ। ଲୋକଙ୍କ ମନୋରଞ୍ଜନ ପାଇଁ ସ୍ମାର୍ଟ ପାର୍କ ନିର୍ମାଣ ହେବ। ଏଲ୍‌ଇଡି ଜରିଆରେ ସରକାରୀ ଯୋଜନା ସମ୍ପର୍କରେ ପ୍ରଚାର ପ୍ରସାର କରାଯିବ। ଜିଲା ପ୍ରଶାସନ ଓ ପୌରପାଳିକା ପକ୍ଷରୁ ଏଥିପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ସରିଛି। କେତୋଟି କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି।

ଅନୁଗୋଳ ସହରର ରୂପରେଖ ବଦଳାଇବା ପାଇଁ ପୌର ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି। ସହରବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ସେବା ପ୍ରଦାନ କରିବାକୁ ପୌରପାଳିକା ସମ୍ମୁଖରେ ପ୍ରଥମେ ଏକ ୱାଟର ଏଟିଏମ୍ ଖୋଲାଯାଇଥିଲା। ଏହାର ଚାହିଦା ବଢ଼ିବା ସହ ଲୋକେ ଗହଳି କରୁଥିବାରୁ ଅନ୍ୟ ଦୁଇଟି ସ୍ଥାନରେ ୱାଟର ଏଟିଏମ୍ ଖୋଲିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ତେଣୁ ସହରର ବସ୍‌ଷ୍ଟାଣ୍ଡ ଓ ଜଗନ୍ନାଥ ମନ୍ଦିର ନିକଟସ୍ଥ ଗୋପବନ୍ଧୁ ପାର୍କ ପାର୍ଶ୍ୱରେ ଏହି ୱାଟର ଏଟିଏମ୍ ଖୋଲାଯିବ। ଟଙ୍କାଟିଏ ଦେଇ ଲୋକମାନେ ଏହି ଏଟିଏମ୍‌ରୁ ଗୋଟିଏ ଲିଟର ବିଶୁଦ୍ଧ ପାନୀୟ ଜଳ ପାଇ ପାରିବେ। ସେହିପରି ନୂତନ ବସ୍‌ଷ୍ଟାଣ୍ଡ ପଛପାର୍ଶ୍ୱରେ ଏକ ସ୍ମାର୍ଟ ପାର୍କ ନିର୍ମାଣ କରାଯିବ। ଏ ନେଇ ଟେଣ୍ଡର ପ୍ରକ୍ରିୟା ମଧ୍ୟ ଶେଷ ହୋଇଛି। କୋଟିଏ ଟଙ୍କା ବ୍ୟୟରେ ଏହି ପାର୍କରେ ସହରବାସୀଙ୍କ ଆମୋଦପ୍ରମୋଦ ପାଇଁ ଅତ୍ୟାଧୁନିକ ସୁବିଧା ରଖାଯିବ। ପୂର୍ବରୁ ସହରର ବିଭିନ୍ନ କୋଣ ଓ ଜନଗହଳି ପୂର୍ଣ୍ଣ ସ୍ଥାନରେ ପୌରପ୍ରଶାସନ ପକ୍ଷରୁ ହୋର୍ଡିଂ ଲଗାଯାଇ ବିଜ୍ଞାପନ ବ୍ୟବସ୍ଥା କରାଯାଉଥିଲା। ଏବେ କିନ୍ତୁ ପ୍ରଥମ କରି ଏଲ୍‌ଇଡିରେ ସରକାରୀ ଯୋଜନାର ପ୍ରଚାର ଓ ପ୍ରସାର ହେଉଥିବା ଅନୁଗୋଳବାସୀ ଦେଖିବେ। ଜିଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସହ ପୌରପାଳିକା ମୁଖ୍ୟ ଫାଟକ ସମ୍ମୁଖରେ ପ୍ରଥମେ ଏହା ଲାଗିବ। ପରେ ଜନଗହଳିପୂର୍ଣ୍ଣ ସ୍ଥାନରେ ଏଲ୍‌ଇଡି ଲଗାଯିବାର ବ୍ୟବସ୍ଥା କରାଯାଉଛି। ଆସନ୍ତା ସପ୍ତାହରେ ଏହି କାର୍ଯ୍ୟ ଆରମ୍ଭ ହେବାର ଅନୁମାନ କରାଯାଉଛି ବୋଲି ପୌରପାଳିକା ପକ୍ଷରୁ ସୂଚନା ମିଳିଛି।



ଗୋପବନ୍ଧୁ ପାର୍କଠାରେ ୱାଟର ଏଟିଏମ୍ ପାଇଁ ବ୍ୟବସ୍ଥା ହେଉଛି।

### ସହରବାସୀଙ୍କ ସ୍ୱାର୍ଥ ପାଇଁ ଯୋଜନା



ଅନୁଗୋଳ ସହରବାସୀଙ୍କ ପାଇଁ ବିଭିନ୍ନ ଯୋଜନା କରାଯାଉଛି। ଏହା କେବଳ ସହରର ସୌନ୍ଦର୍ଯ୍ୟ ବଢ଼ାଇବ ନାହିଁ ବରଂ ଗର୍ବର ବିଷୟ ହେବ। ସ୍ମାର୍ଟ ପାର୍କ ସହ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା, ୱାଟର ଏଟିଏମ୍ କରାଯିବ। ଏହାଦ୍ୱାରା ପୌରପାଳିକାର ରାଜସ୍ୱ ମଧ୍ୟ ବୃଦ୍ଧି ପାଇବ।

-ବିନୋଦ ଚନ୍ଦ୍ର ପଣ୍ଡା
ପୌର ନିର୍ବାହୀ ଅଧିକାରୀ, ଅନୁଗୋଳ

### ୱାଟର ଏଟିଏମ୍ ଜରୁରୀ



ସହରରେ ପାନୀୟ ଜଳ ସମସ୍ୟା ରହିଛି। ୱାଟର ଏଟିଏମ୍ ହେଲେ ଲୋକମାନେ ସୁବିଧାରେ ବିଶୁଦ୍ଧ ପାନୀୟ ଜଳ ପାଇପାରିବେ। ଗୋପବନ୍ଧୁ ପାର୍କରେ ଏହା ହେଉଥିବାରୁ ସହରକୁ ଆସୁଥିବା ଲୋକମାନେ ମଧ ସୁବିଧା ନେବେ। ଏଭଳି ବ୍ୟବସ୍ଥା ବିଭିନ୍ନ ସ୍ଥାନରେ କରାଯାଉ।

-ଭବାନୀ ଶଙ୍କର ପ୍ରଧାନ, ହୁଲୁରୁସିଂହା ବାସିନ୍ଦା

### ସ୍ମାର୍ଟ ପାର୍କ ସ୍ୱାଗତଯୋଗ୍ୟ ପଦକ୍ଷେପ



ସହରରେ ଏକାଧିକ ପାର୍କ ଅଛି। କିନ୍ତୁ ଅତ୍ୟାଧୁନିକ ସୁବିଧା ଥିବା ସ୍ମାର୍ଟ ପାର୍କ ନିଶ୍ଚିତ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ସହରବାସୀଙ୍କ ମନୋରଞ୍ଜନର ଏକ ବଡ଼ ମାଧମ ହେବ। ତେବେ ଏହାର ରକ୍ଷଣାବେକ୍ଷଣା ପ୍ରତି ପୌରପାଳିକା ଆବଶ୍ୟକ ଧ୍ୟାନ ଦେବା ଆବଶ୍ୟକ।

-ମମତା ଧୀରସାମନ୍ତ, ଅନୁଗୋଳ ବାସିନ୍ଦା

### ବେସରକାରୀ ବିଜ୍ଞାପନ ସୁବିଧା ରହୁ



ସହରରେ ପ୍ରଥମ କରି ଏଲ୍‌ଇଡିରେ ସରକାରୀ ଯୋଜନାର ପ୍ରଚାର ପ୍ରସାର କରାଯିବାର ବ୍ୟବସ୍ଥା ଭଲ କଥା। ହେଲେ କେବଳ ସରକାରୀ କାହିଁକି, ବେସରକାରୀ ବିଜ୍ଞାପନ ପାଇଁ ସୁଯୋଗ ରହିଲେ ଭଲ ହୁଅନ୍ତା। କେଉଁ ସମୟରେ ବଜାରରେ କ'ଣ ଅଫର୍ ରହୁଛି, ତାହା ଲୋକେ ଜାଣିପାରନ୍ତେ।

-ବିକ୍ରମ ଅଗ୍ରୱାଲ, ବ୍ୟବସାୟୀ

## ସ୍ୱଚ୍ଛତା ବଜାୟ ରଖିବା ଉପରେ ଗୁରୁତ୍ୱ

ଅନୁଗୋଳ ଅଫିସ, ୧୩।୧୦

ଅନୁଗୋଳ ଜିଲାରେ କାର୍ଯ୍ୟକାରୀ ହେଉଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ଠିକ୍ କାର୍ଯ୍ୟକାରିତାକୁ ନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏକ ସମୀକ୍ଷା ବୈଠକ କରିଥିଲେ। ଏହି ଯୋଜନାରେ ସ୍ୱଚ୍ଛତା ଅବଲମ୍ବନ ସହ ଜିଲାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଜିଲା ଖଣିଜ ପାଣ୍ଠିରେ ହେଉଥିବା ପ୍ରକଳ୍ପ ଗୁଡ଼ିକର ଅଗ୍ରଗତିକୁ ନେଇ ଦ୍ୱାଦଶତମ କାର୍ଯ୍ୟ ନିର୍ବାହୀ କମିଟି ବୈଠକରେ ମଧ ସମସ୍ତ କାର୍ଯ୍ୟରେ ସ୍ୱଚ୍ଛତା ବଜାୟ ରଖିବା ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଲୋକମାନଙ୍କ ଆୟ କିପରି ବୃଦ୍ଧି ହେବ ସେଥିପାଇଁ ସେ ସମ୍ପର୍କିତ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବାକୁ ଅଧିକାରୀମାନଙ୍କୁ କହିଥିଲେ। ବିଶେଷକରି ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ଭଳି ପ୍ରକଳ୍ପ ଅଧିକ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ, ସାତକୋଶିଆ ବନ ଖଣ୍ଡ ଅଧିକାରୀ ରାମାସ୍ୱାମୀ.ପି, ସିଡିଏମ୍‌ଓ ଡାକ୍ତର ଅଭୟ କୁମାର ଦାଶ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ବୈଷୟିକ) ହରିହର ପାଢ଼ୀ, ଉପ-ଆରକ୍ଷୀ ଅଧୀକ୍ଷକ(ଡିଆଇବି) ଏସ୍.ସି. ପାଣିଗ୍ରାହୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଡ. ଅନୁପ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

## ପୁଣି ଚମକିଲେ ପ୍ରତ୍ୟୁଷା

ଅନୁଗୋଳ ଅଫିସ, ୧୩।୧୦

ମିସ୍ ଆଣ୍ଡ ମିସେସ୍ ଇଣ୍ଡିଆ ଗ୍ଲୋବାଲରେ ରନର୍ସଅପ୍

ଅନୁଗୋଳ ଝିଅ ପ୍ରତ୍ୟୁଷା ଅମାନ୍ତ ପୁଣି ସୁନ୍ଦରୀ ପ୍ରତିଯୋଗିତାରେ ଚମକିଛନ୍ତି। ସେ ଅପେରା ମିଡିଆର ଆନୁକୂଲ୍ୟରେ ଆୟୋଜିତ ମିସ୍ ଆଣ୍ଡ ମିସେସ୍ ଇଣ୍ଡିଆ ଗ୍ଲୋବାଲରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରନର୍ସଅପ୍ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ବିୟୁଟି, ଟ୍ୟାଲେଣ୍ଟ, ପ୍ରଶ୍ନୋତ୍ତର, ରାମ୍ପ ୱାକ, ଟ୍ରାଡିସିନାଲ ରାଉଣ୍ଡ ଆଦି କରାଯାଇଥିଲା। ଏଥିରେ ଭୁବନେଶ୍ୱରର ରୋଜା ପ୍ରଥମ ଓ ପ୍ରତ୍ୟୁଷା ଦ୍ୱିତୀୟ ସ୍ଥାନରେ ରହିଥିଲେ। କରୋନା ପାଇଁ ଏହି ପ୍ରତିଯୋଗିତାଭର୍ଚୁଆଲ ପଦ୍ଧତିରେ ଆୟୋଜନ କରାଯାଇଥିଲା। ସୂଚନାଯୋଗ୍ୟ ଏହା ପୂର୍ବରୁ ମିସ୍ ଭର୍ଚୁଆଲ ଇନ୍‌କ୍ଲୁଶନ ୨୦୨୦ରେ ପ୍ରତ୍ୟୁଷା ପ୍ରଥମ ସ୍ଥାନ ଅଧିକାର କରିଥିଲେ।


ପ୍ରତ୍ୟୁଷା ଅମାନ୍ତ

## ନିଜ ଗାଡ଼ି ନେଲା ଜୀବନ

କାମାକ୍ଷାନଗର, ୧୩।୧୦(ଡି.ଏନ.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ମୁକ୍ତାପଶି ନିକଟରେ ମଙ୍ଗଳବାର ଅଟୋରିକ୍ସା ଦୁର୍ଘଟଣାରେ କାଦୁଆ ପଞ୍ଚାୟତ ଭଗୀରଥପୁରର ପ୍ରଶାନ୍ତ ବାରିକ (୪୦)ଙ୍କ ମୃତ୍ୟୁ ଘଟିଛି। ସେ ସକାଳେ କେତେଜଣ ଯାତ୍ରୀଙ୍କୁ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ଛାଡ଼ି ଘରକୁ ଫେରୁଥିଲେ। ମୁକ୍ତାପଶିଠାରେ ଗାଡ଼ି ରଖି ପାଣି ପିଉଥିଲେ। ଏହି ସମୟରେ ଅଟୋରିକ୍ସା ଆପେ ଆପେ ଗଡ଼ିବା ଆରମ୍ଭ କରିଥିଲା। ଗାଡ଼ିକୁ ଅଟକାଇବାକୁ ଉଦ୍ୟମ କରୁଥିବାବେଳେ ସେ ଏକ ଗଛରେ ଚାପି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ନଂ. ୩୪୪/୨୦, ଦଫା ୨୭୯, ୩୦୪ (ବି)ରେ ମାମଲା ରୁଜୁ କରିଛି। ଏହି ଘଟଣା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

## ପାର୍ବଣ ନିମନ୍ତେ କଡ଼ା କଟକଣା



ସମୀକ୍ଷା ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଅଫିସ, ୧୩।୧୦

- ସ୍ଥିତି ସମୀକ୍ଷା କଲେ ଜିଲାପାଳ
- ହାଟ, ବଜାର ଉପରେ ନଜର ରଖିବାକୁ ନିର୍ଦ୍ଦେଶ
- ସାପ୍ତାହିକ ରିପୋର୍ଟ ଦେବେ ବିଡିଓ, ତହସିଲଦାର

ଢେଙ୍କାନାଳ ଜିଲାର କରୋନା ସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା। ଜିଲା କାର୍ଯ୍ୟାଳୟର ଓସ୍‌ୱାନ ଭିଡିଓ କନଫରେନ୍ସ ହଲ୍‌ରେ ସୋମବାର ସନ୍ଧ୍ୟାରେ ଏହି ସମୀକ୍ଷା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପାର୍ବଣ ସମୟରେ ହାଟ, ବଜାର, ପୂଜାସ୍ଥଳ ଉପରେ ନଜର ରଖିବା, କୋଭିଡ୍ କଟକଣା ଠିକ୍ ଭାବେ ଅନୁପାଳନ ହେଉଛି କି ନାହିଁ ତାହାର ତଦାରଖ କରିବା, ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଜରିମାନା ଆଦାୟ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଏଣିକି ବିଡିଓ, ତହସିଲଦାର ଏବଂ ଥାନାଧିକାରୀମାନେ ନିୟମ ଅନୁପାଳନର ତଦାରଖ କରି ନିର୍ଦ୍ଧାରିତ ଫର୍ମରେ ସାପ୍ତାହିକ ରିପୋର୍ଟ ଜିଲା କାର୍ଯ୍ୟାଳୟକୁ ପଠାଇବେ। ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିବା ଆକ୍ରାନ୍ତମାନେ ବାହାରେ ବୁଲିଲେ ସେମାନଙ୍କୁ ଚିହ୍ନଟ କରି କୋଭିଡ୍ କେୟାର ସେଣ୍ଟରକୁ ପଠାଯିବ। ଗୃହ ସଙ୍ଗରୋଧରେ ଥିବା ରୋଗୀଙ୍କ ସହିତ ସ୍ୱାସ୍ଥ୍ୟ କର୍ମୀମାନେ ନିୟମିତ ଯୋଗାଯୋଗ କରି ଆବଶ୍ୟକ ପରାମର୍ଶ ଦେବେ। ଏଥିସହିତ ପଡ଼ିରହିଥିବା ଇ-ଅଭିଯୋଗଗୁଡ଼ିକୁ ତୁରନ୍ତ ସମାଧାନ କରି ସପ୍ତାହକ ଭିତରେ ଚୂଡାନ୍ତ ରିପୋର୍ଟ ଦେବାକୁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

ସମୀକ୍ଷାରେ ଅତିରିକ୍ତ ଜିଲାପାଳ ସୌଦାମିନୀ ସେଠୀ, ପିଡି ଡିଆରଡିଏ ନରୋତ୍ତମ ବେହେରା, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ସିଡିଏମ୍‌ଓ ଡା. ସୁଜାତାରାଣୀ ମିଶ୍ର ଉପସ୍ଥିତ ଥିଲେ।

## ଦୁଗ୍ଧଚାଷୀଙ୍କୁ ମିଳୁନି ଉଚିତ ମୂଲ୍ୟ

ଆଠମଲ୍ଲିକ,୧୩।୧୦(ଡି.ଏନ.ଏ.)

ଉପଜିଲାପାଳଙ୍କୁ କଲେ ଅଭିଯୋଗ

ଆଠମଲ୍ଲିକ ବ୍ଲକରେ ଥିବା ଦୁଇଟି ଓମ୍‌ଫେଡ ଶାଖାରେ ଦୁଗ୍ଧ ସଂଗ୍ରହରେ ଦୁର୍ନୀତି ହେଉଥିବା ଏବଂ ଚାଷୀମାନେ ଉଚିତ ମୂଲ୍ୟ ପାଉ ନ ଥିବା ଅଭିଯୋଗ ହୋଇଛି। ୭ ନମ୍ବର ଜିଲାପରିଷଦ ସଭ୍ୟ ଚିତ୍ତରଞ୍ଜନ କର୍ଣ୍ଣଙ୍କ ନେତୃତ୍ୱରେ ଆଠମଲ୍ଲିକର ବହୁ ଦୁଗ୍ଧ ଚାଷୀ ଏ ନେଇ ଉପଜିଲାପାଳ ଲଳିତ ମୋହନ ବେହେରାଙ୍କୁ ମଙ୍ଗଳବାର ଭେଟିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି।

ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି ଯେ, ଆଠମଲ୍ଲିକ ଓ ଅଏଡା ଠାରେ ଚାଷୀମାନଙ୍କଠାରୁ ଦୁଗ୍ଧ ସଂଗ୍ରହ କରାଯାଉଛି। କିନ୍ତୁ କିଛିକାଂଶରେ ଦୁଗ୍ଧକୁ ନିମ୍ନମାନର କୁହାଯାଇ ଗ୍ରହଣ କରାଯାଉନାହିଁ। ମାନ ନିର୍ଦ୍ଧାରଣ ପାଇଁ କୌଣସି ମାପଦଣ୍ଡ ରଖାଯାଇ ନ ଥିବାବେଳେ ଗ୍ରହଣ କରାଯାଉ ନ ଥିବା ଦୁଗ୍ଧକୁ ଚାଷୀମାନଙ୍କୁ ମଧ ଫେରାଯାଉନାହିଁ। ତେଣୁ ଏଥିରେ ଦୁର୍ନୀତି କରାଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତଦନ୍ତ କରାଯାଇ ଦୁଇତିନି ଦିନ ମଧ୍ୟରେ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରାଯିବ ବୋଲି ଉପଜିଲାପାଳ ପ୍ରକାଶ କରିଛନ୍ତି। ଢେଙ୍କାନାଳସ୍ଥିତ ଓମଫେଡ ସାଧାରଣ ପରିଚାଳକ ଅଜିତ କୁମାର ଖେସ କହିଛନ୍ତି, ଏପରି ହେଉଥିବା ନେଇ ସେ ଅବଗତ ନାହାନ୍ତି କିମ୍ବା ତାଙ୍କୁ ଆଠମଲ୍ଲିକ ଓମଫେଡ ଅଧିକାରୀ କୌଣସି ରିପୋର୍ଟ ଦେଇନାହାନ୍ତି। ଖୁବ୍‌ଶୀଘ୍ର ଆଠମଲ୍ଲିକର ଦୁଇଟିଯାକ କେନ୍ଦ୍ରକୁ ଗସ୍ତକରି ସେ ସମସ୍ୟା ବୁଝିବେ ବୋଲି ଖେସ୍ ପ୍ରକାଶ କରିଛନ୍ତି।


ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ଦୁଗ୍ଧ ଚାଷୀ।

## ଚର୍ଚ୍ଚାରେ ସୌମ୍ୟବ୍ରତଙ୍କ ପେନ୍‌ସିଲ୍ ଆର୍ଟ

ଢେଙ୍କାନାଳ ଅଫିସ, ୧୩।୧୦

- ଲକ୍‌ଡାଉନର ସଫଳ ଉପଯୋଗ
- ପୂଜକରୁ ପାଲଟିଗଲେ ଚିତ୍ରଶିଳ୍ପୀ
- ଜାରି ରଖିଛନ୍ତି ନିରନ୍ତର ଅଭ୍ୟାସ

କେଉଁଠି ରାମାୟଣର ଚରିତ୍ର ତ ଆଉ କେଉଁଠି ଦେବଦେବୀଙ୍କ ପ୍ରତିକୃତି। ବଲିଉଡ୍‌ଠାରୁ ଆରମ୍ଭ କରି ଟଲିଉଡ୍। ମେଗାଷ୍ଟାର ଅମିତାଭ ବଚ୍ଚନଙ୍କଠୁ ଆରମ୍ଭ କରି ତେଲୁଗୁ ଇଣ୍ଡଷ୍ଟ୍ରିର ଅଭିନେତାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଅବିକଳ ଚିତ୍ର, ତାହା ବି କେବଳ ପେନ୍‌ସିଲରେ। ଏପରି ଅଭିନବ କଳାକୃତି ଆଙ୍କି ଚର୍ଚ୍ଚାର ପରିସରକୁ ଆସିଛନ୍ତି ଢେଙ୍କାନାଳ ପୌରାଞ୍ଚଳ ଅଧୀନ ଭାଗୀରଥି ବିହାର ଅଞ୍ଚଳର ୧୯ ବର୍ଷୀୟ ସୌମ୍ୟବ୍ରତ ପତି। କରୋନାକାଳରେ ଜୀବନଜୀବିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ଏହି ସମୟର ସଦୁପଯୋଗ କରିଛନ୍ତି ସେ। ଆର୍ଟପେପର ଉପରେ ତାଙ୍କ ହାତ ତିଆରି ପେନ୍‌ସିଲ ଆର୍ଟ କଥା କହୁଥିବାବେଳେ ଏହି ପ୍ରତିଭା ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଆଡ଼କୁ ଗୋଟିଏ ପାଦ ବୋଲି ଅନେକେ ମତ ଦେଇଛନ୍ତି।

ସୌମ୍ୟବ୍ରତ ସ୍ଥାନୀୟ ସାନ୍ଧ୍ୟ ମହାବିଦ୍ୟାଳୟର ଯୁକ୍ତ ୩ ଶେଷବର୍ଷର ଛାତ୍ର। ବାପା ଲିଙ୍ଗରାଜ ପତିଙ୍କ ପୂଜକ ଭାବେ ଅଞ୍ଚଳରେ ପରିଚୟ ଥିବାବେଳେ ଏହି କାମରେ ସହଯୋଗ କରୁଥିଲେ ସୌମ୍ୟବ୍ରତ। ହେଲେ ଚିତ୍ରକଳା ତାଙ୍କର ଏପରି ନିଶା ପାଲଟିଯିବ ବୋଲି ସେ କେବେ ଚିନ୍ତା କରି ନ ଥିଲେ। କରୋନା ସଂକ୍ରମଣ ବଢ଼ିବା ପରେ ଧନଜୀବନକୁ ସୁରକ୍ଷା ଦେବାକୁ ସରକାର ମାର୍ଚ୍ଚରେ ଲକ୍‌ଡାଉନ ଘୋଷଣା କରିଥିଲେ। ଏହି ସମୟକୁ ସେ ଠିକଣା ଉପଯୋଗ କରିପାରିଛନ୍ତି। ଅବସର ସମୟରେ ଘରେ ବସି ଟିଭିରୁ ବିଭିନ୍ନ ଚରିତ୍ରଙ୍କୁ ଦେଖି ଚିତ୍ର ଆଙ୍କୁ ଆଙ୍କୁ ଏଥିରେ ପାରଙ୍ଗମ ହୋଇଯାଇଛନ୍ତି। ମାତ୍ର ୫ ମିନିଟ୍‌ରେ ମହାତ୍ମା ଗାନ୍ଧୀ, ଅମିତାଭ ବଚନ, ରାମାୟଣରେ ରାମ ଭୂମିକାଧାରୀ ଅରୁଣ ଗୋଭିଲ, ସୀତା ଭୂମିକାରେ ଅଭିନୟ କରିଥିବା ଦୀପିକା ଚିଖାଲିଆଙ୍କ ଅବିକଳ ଚିତ୍ର ଆଙ୍କି ପାରୁଛନ୍ତି। ଏଥିସହିତ ବାପାଙ୍କ ସହିତ ବିଭିନ୍ନ ପୂଜାକୁ ଯାଇ ଦେବଦେବୀଙ୍କ ସୁନ୍ଦର ମୁରୁଜ ଝୋଟି ପକାଉଛନ୍ତି। ଗତ ୧୧ ତାରିଖରେ ବିଗ୍ ବିଙ୍କ ଜନ୍ମଦିନରେ ସେ ତାଙ୍କର ଚିତ୍ର ଆଙ୍କିଥିବା କହିଛନ୍ତି।

ନିଜ ଅନୁଭୂତି ସମ୍ପର୍କରେ ସୌମ୍ୟବ୍ରତ କୁହନ୍ତି, ପ୍ରଥମେ ଚିତ୍ର ଭଲ ହେଉ ନ ଥିଲା। ଲକଡାଉନ୍ ସମୟରେ ଏକାଗ୍ରତାରେ ଚିତ୍ର ଆଙ୍କିବା ଅଭ୍ୟାସ ଜାରି ରଖିଥିଲି। ଏହାକୁ ସାଙ୍ଗସାଥୀ ପସନ୍ଦ କରିଥିଲେ। ଏହା ନିଶାରେ ପରିଣତ ହୋଇଗଲା। ଏବେ ସମସ୍ତଙ୍କ ଚିତ୍ର ଆଙ୍କିପାରୁଛି, କିନ୍ତୁ ବାପାଙ୍କ ଚିତ୍ର ଆଙ୍କିବାବେଳକୁ ସାମାନ୍ୟ ଭୁଲ ହୋଇଯାଉଥିବା ସେ କଥାଛଳରେ କହିଛନ୍ତି।


ଚିତ୍ର ଆଙ୍କିବାରେ ନିମଗ୍ନ ସୌମ୍ୟବ୍ରତ।

